# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 December – 2025

**********************************

## ମୁଖ୍ୟ ସମ୍ବାଦ

- ଛାତ୍ରଛାତ୍ରୀମାନେ ଦେଶପ୍ରେମ ଓ ଉଚ୍ଚ ଆଦର୍ଶରେ ଅନୁପ୍ରାଣୀତ ହେଲେ ମାନବିକତାକୁ ସୁନିଶ୍ଚିତ କରିହେବ; କହିଲେ ରାଷ୍ଟ୍ରପତି

— ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାରରେ ଗଜପତିର ସୁଶ୍ରୀ ଜ୍ୟୋସ୍ନା ଶବର ପୁରସ୍କୃତ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ମଣ୍ଡପମ୍‌ଠାରେ ଏହି ଦିବସ ଅବସରରେ ଛାତ୍ରଛାତ୍ରୀଙ୍କ ସହ କଲେ ଭାବ ବିନିମୟ

- ସମ୍ବଲପୁରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

— ୧ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୩୦ଟି ପ୍ରକଳ୍ପର ଶୁଭାରମ୍ଭ

ଏବଂ

- ଭୁବନେଶ୍ୱରଠାରେ ଆଜି ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବକୁ ସନ୍ଧ୍ୟାରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

# ବୀର ବାଲ୍ ପୁରସ୍କାର

ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କ ଯୋଗୁଁ ଭାରତ ବିଶ୍ୱସ୍ତରରେ ଉତ୍ତମ ପ୍ରଦର୍ଶନ କରୁଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆଜି 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପ୍ରଦାନ କରି ଶ୍ରୀମତୀ ମୁର୍ମୁ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସଫଳତା ସମଗ୍ର ଦେଶକୁ ପ୍ରେରଣା ଦେଉଛି ।  ଦେଶର ପିଲାମାନେ ଦେଶପ୍ରେମ ଏବଂ ଉଚ୍ଚ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ମାନବିକତାକୁ ସୁନିଶ୍ଚିତ କରିହେବ ।

**- V/O -**(President)

ରାଷ୍ଟ୍ରପତି ଏହି ଅବସରରେ ସାହସିକତା, କଳା ଓ ସଂସ୍କୃତି, ପରିବେଶ, ନବସୃଜନ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରୁ ୨୦ ଜଣ ପିଲାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।

**ଗଜପତି** ଜିଲ୍ଲା ରାୟଗଡ଼ ବ୍ଲକ ପେକଟ ଗ୍ରାମର ସୁଶ୍ରୀ ଜ୍ୟୋସ୍ନା ଶବର' ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କଠାରୁ ଗ୍ରହଣ କରିଛନ୍ତି ।  ଭାରୋତ୍ତୋଳନ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍କର୍ଷତା ପାଇଁ ଜ୍ୟୋସ୍ନାଙ୍କୁ ଏହି ପୁରସ୍କାର ମିଳିଛି ।

ପୁରସ୍କାର ପାଇବା ପରେ ଜ୍ୟୋସ୍ନା ତାଙ୍କ ସଫଳତା ସମ୍ପର୍କରେ ଆକାଶବାଣୀକୁ କହିଛନ୍ତି....

**- V/O -**

## ବାଲ୍ ପୁରସ୍କାର

ଶିଖ୍ ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ଦୁଇ ପୁତ୍ର ସାହେବ ଜାଦେ ବାବା ଜୋରଓ୍ୱାର୍ ସିଂହ ଜୀ ଏବଂ ବାବା ଫତେହେ ସିଂହ ଜୀଙ୍କ ଅଦମ୍ୟ ସାହସ ଓ ବଳିଦାନକୁ ସମ୍ମାନ ଜଣାଇ ଆଜି ଦେଶବ୍ୟାପୀ ବୀର୍ ବାଲ୍ ଦିବସ ପାଳନ କରାଯାଉଛି । ଅଳ୍ପ ବୟସରେ ନିଜକୁ ଉତ୍ସର୍ଗ କରିଥିବା ଏହି ସାହେବ ଜାଦେଙ୍କ ଜୀବନୀ ଭାରତର ଇତିହାସର ଏକ ମର୍ମସ୍ପର୍ଶୀ ଅଧ୍ୟାୟ । ଗତ ୨୦୨୨ ଜାନୁଆରୀ ମାସରେ ଗୁରୁ ଗୋବିନ୍ଦ ସିଂହଙ୍କ ପ୍ରକାଶ ପର୍ବ ପାଳନ ଅବସରରେ ବୀର ବାଲ୍ ଦିବସ ପାଳନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ । ସେବେଠାରୁ ପ୍ରତିବର୍ଷ ଡିସେମ୍ବର ୨୬ ତାରିଖରେ ପାଳିତ ହୋଇଆସୁଛି ।

ଏହି ଅବସରରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ତାଙ୍କ ବାର୍ତ୍ତାରେ କହିଛନ୍ତି, ସାହେବ ଜାଦେଙ୍କ ଅଟଳ ବିଶ୍ୱାସ ଏବଂ ସାହସିକତା ଦେଶକୁ ପ୍ରେରଣା ପ୍ରଦାନ କରି ଚାଲିଛି ।

## ବୀର ବାଲ୍ ପୁରସ୍କାର-ପିଏମ୍

ଗୁରୁ ଶ୍ରୀଗୋବିନ୍ଦସିଂହଜୀଙ୍କ ସାହେବଜାଦାଙ୍କ ପୂଣ୍ୟ ବଳିଦାନ ଦିବସ ବୀର ବାଲ୍ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରୀୟ ବାଲ୍‌ପୁରସ୍କାର ପାଇଥିବା ପିଲାମାନଙ୍କ ସହିତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଭାବ ବିନିମୟ କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ସାହେବଜାଦାଙ୍କ ସମର୍ପଣ ଓ କଠିନ ପରିଶ୍ରମ ସର୍ବଦା ସ୍ମରଣୀୟ । ଅଦମ୍ୟ ସାହସ, ବୀରତ୍ୱ ଓ ତ୍ୟାଗର ପ୍ରତୀକ ବୀର ସାହେବଜାଦାଙ୍କ ଗୌରବମୟ ଅତୀତ ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ ଏକ ଶକ୍ତିଶାଳୀ ପ୍ରେରଣା, ଯାହା ଯୁବପିଢ଼ିଙ୍କୁ ରାଷ୍ଟ୍ରନିର୍ମାଣ ଦିଗରେ ପ୍ରେରିତ କରିବ ।

**- V/O -**(PM)

**ଧର୍ମେନ୍ଦ୍ର ପ୍ରଧାନ**

ସମାଜର ଶେଷ ଧାଡିରେ ଥିବା ଲୋକଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ କାର୍ଯ୍ୟାଦେଶ ଏବଂ ବିଭିନ୍ନ ଯୋଜନାର ସୁବିଧା ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ  ପ୍ରଧାନ ୮୫୫ ଜଣ ହିତାଧିକାରୀଙ୍କୁ ଆବାସ ସହରାଞ୍ଚଳ ଯୋଜନାରେ ପକ୍କା ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି ।

**- V/O - (ଧର୍ମେନ୍ଦ୍ର ପ୍ରଧାନ)**

କାର୍ଯ୍ୟକ୍ରମରେ 'ପିଏମ୍ ସ୍ୱନିଧି ଯୋଜନା'ରେ ଉଠାଦୋକାନୀଙ୍କୁ ୧୫ ହଜାର ଟଙ୍କାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଇଛି। ଏଥିସହ ସମ୍ବଲପୁର ମହାନଗର ନିଗମର ସୌନ୍ଦର୍ଯ୍ୟକରଣ, ସ୍ୱଚ୍ଛତା, ରାସ୍ତାଘାଟ, ଡ୍ରେନେଜ୍ ବ୍ୟବସ୍ଥା ଏବଂ ଆନୁଷଙ୍ଗିକ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୩୦ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଧନୁଯାତ୍ରା

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ଆଜି ତୃତୀୟ ଦିବସରେ ଗୋପପୁରରେ ନନ୍ଦ ଦରବାର ଉଦ୍‌ଘାଟନ ଏବଂ ନନ୍ଦୋତ୍ସବ, କୃଷ୍ଣଙ୍କ ଦୋଳି ଝୁଲା ଓ ରାସନୃତ୍ୟ, ନଗର ସଂକୀର୍ତ୍ତନ ସହ କୃଷ୍ଣ ଗୋପପୁର ଭ୍ରମଣ କରିବେ। ସେହିଭଳି ମଥୁରା ନଗରୀରେ କଂସ ମହାରାଜଙ୍କ ସାମେଶ୍ୱର ମହାଦେବ ଦର୍ଶନ, କାରାଗୃହ ପ୍ରବେଶ, ବିଜୁଳିକନ୍ୟାଙ୍କୁ ଶିଳାରେ ପ୍ରହାର ଏବଂ ଦୈବବାଣୀ, ରାଜଦରବାରରେ କଂସଙ୍କ ମନ୍ତ୍ରଣା, ପୂତନା-ଷଡମଲ୍ଲ ଆବାହନ ଓ ଗୋପପୁର ପ୍ରେରଣ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଗତକାଲି ଦ୍ୱିତୀୟ ସନ୍ଧ୍ୟାରେ ମହାରାଜ କଂସ ନଗର ପରିଭ୍ରମଣ କରି ପ୍ରଜାଙ୍କ ସୁଖଦୁଃଖ ବୁଝିଥିଲେ।

ଧନୁଯାତ୍ରାର ଦ୍ୱିତୀୟ ଦିବସର କଂସ ମହାରାଜଙ୍କ କିଛି ସଂଳାପ....

# - V/O –

## ପରଲୋକ-ସଂଚିତା

ଯାଜପୁର ଜିଲ୍ଲା କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସଂଚିତା ମହାନ୍ତିଙ୍କ ଆଜି ସକାଳେ ପରଲୋକ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଳର ବରିଷ୍ଠ ନେତ୍ରୀ ସ୍ୱର୍ଗତ ମହାନ୍ତିଙ୍କ ପାର୍ଥିବ ଶରୀରର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ ୨୦୦୪ ମସିହାରୁ ୨୦୦୯ ମସିହା ପର୍ଯ୍ୟନ୍ତ କୋରେଇର ବିଧାୟିକା ଥିଲେ । ଦୀର୍ଘଦିନ ଧରି  ସଂଗଠନରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ବିୟୋଗରେ କର୍ମୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

## ପରୀକ୍ଷାଗାର ଉଦ୍‌ଘାଟନ

**ନବରଙ୍ଗପୁର** ଜିଲ୍ଲାର ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସମନ୍ୱିତ ପରୀକ୍ଷାଗାରକୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି । ଏହି ପରୀକ୍ଷାଗାରର ନୂତନ ଅତ୍ୟାଧୁନିକ ଜ୍ଞାନକୌଶଳ ମେସିନ୍ ସହାୟତାରେ ଥାଲାସେମିଆ, ସିକଲ୍‌ସେଲ୍, ଡେଙ୍ଗୁ ଆଦି ରୋଗର ପରୀକ୍ଷା ସୁବିଧାରେ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି । ଜିଲ୍ଲାରେ ଖୁବ୍ ଶୀଘ୍ର ମେଡିକାଲ କଲେଜ୍ ସ୍ଥାପନ ସହ ଡାକ୍ତର ଅଭାବ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି ।

## ସଡକ ସୁରକ୍ଷା

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଡକ ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ  ସିଟ୍ ବେଲ୍ଟ ଓ ହେଲମେଟ୍ ବ୍ୟବହାର, ଗତି ନିୟନ୍ତ୍ରଣ ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ଜିଲ୍ଲା ମହୋତ୍ସବ

**ନୟାଗଡ଼** ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।  ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ର ପାଇଁ ଅଧିକ ପ୍ରଚାର-ପ୍ରସାରର ଆବଶ୍ୟକତା ରହିଛି ବୋଲି କାର୍ଯ୍ୟକ୍ରମରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି।

## ଲାପଟପ୍ ବଣ୍ଟନ

**ଗଞ୍ଜାମ** ଜିଲ୍ଲାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୧୮ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ଭି.କିର୍ତ୍ତିଭାସନ ଲାପଟପ୍ ବଣ୍ଟନ କରିଛନ୍ତି। ଏଥିସହ ଛାତ୍ରଛାତ୍ରୀଙ୍କ ଗସ୍ତ ଖର୍ଚ୍ଚ ପାଇଁ ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ଓଡ଼ିଶୀ ନୃତ୍ୟ ମହୋତ୍ସବ

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଆଜିଠାରୁ ଭୁବନେଶ୍ୱରଠାରେ

ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସନ୍ଧ୍ୟାରେ ମହୋତ୍ସବକୁ ଉଦ୍‌ଘାଟନ କରିବେ।
ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ସକାଳ ୧୦ଟା ସମୟରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ।

# ପାଣିପାଗ

ରାଜ୍ୟକୁ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ରାତି ତାପମାତ୍ରା ହ୍ରାସ ପାଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଥଣ୍ଡା ବାୟୁର ପ୍ରଭାବଯୋଗୁଁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଅଞ୍ଚଳରେ ଶୀତର ପ୍ରଭାବ ରହିବ । ଅନ୍ୟପକ୍ଷରେ ଶୁକ୍ରବାର ଆଡକୁ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି ପାଣିପାଗ ବିଶେଷଜ୍ଞମାନେ ଅନୁମାନ କରିଛନ୍ତି ।